# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ---୬୬୧---/ସୂ.ଲୋ.ସଂ, --୧୫/୦୮/୨୦୧୯------


## ୭୩ତମ ସ୍ୱାଧୀନତା ଦିବସ ଢେଙ୍କାନାଳରେ ମହାସମାରୋହରେ ପାଳିତ

ଢେଙ୍କାନାଳ, ତା ୧୫।୦୮।୨୦୧୯ ରିଖ :- ଢେଙ୍କାନାଳ ସଦର ମହକୁମାରେ ୭୩ତମ ସ୍ୱାଧୀନତା ଦିବସ, ୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି। ଦିବସର ମୁଖ୍ୟ ଅତିଥି ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଢେଙ୍କାନାଳ ମୁଖ୍ୟ ପୋଲିସ୍ ପଡ଼ିଆରେ ସକାଳ ୯.୧୫ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ୍ ପଡ଼ିଆରେ ଉପସ୍ଥିତ ଜନସାଧାରଣଙ୍କୁ ସେ ସମ୍ବୋଧନ ଦେଇ କହିଥିଲେ ଯେ, ଅଗଷ୍ଟ ୧୫ ତାରିଖ, ପବିତ୍ର ସ୍ୱାଧୀନତା ଦିବସ, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଆମ ଦେଶ ଓ ଜାତି ପାଇଁ ଗର୍ବ ଓ ଗୌରବର ଦିନ। କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସ୍ୱାଧୀନତା ଦିବସ ଏକ ଜାତୀୟ ପର୍ବରୂପେ ପାଳିତ ହେଉଛି। ମହାମନୀଷୀମାନଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ସେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ସାରା ଦେଶରେ ବର୍ଷବ୍ୟାପୀ ପାଳନ ଏକ ବିଶେଷ ଗୁରୁତ୍ୱ ରଖୁଛି ବୋଲି ସେ କହିଥିଲେ। ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଆବୁଲ କାଲାମ ଆଜାଦ, ଉତ୍କଳମଣି ଗୋପବନ୍ଧୁ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ବୀର ସୁରେନ୍ଦ୍ର ସାଏ, ମାଳତୀ ଚୌଧୁରୀ, ବିଶ୍ୱନାଥ ଦାଶ, ଶହୀଦ ଲକ୍ଷ୍ମଣ ନାୟକ, ରଘୁ ଦିବାକର, ବିର୍ସା ମୁଣ୍ଡା, ବାଜି ରାଉତ, ବରଗଡ଼ର ଘେଁସ ପରିବାରର ମାଧୋ ସିଂ, କୁଞ୍ଜଲ ସିଂ, ବଇରୀ ସିଂ ପ୍ରମୁଖ ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ଚିରସ୍ମରଣୀୟ। ସେମାନେ ଏ ଜାତିର ନମସ୍ୟ।

ଢେଙ୍କାନାଳ ଜିଲ୍ଲାର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ସମେତ ହୃଷି, ନଟ, ଗୁରି, ଲକ୍ଷ୍ମଣଙ୍କ ନାମ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇ ରହିଛି। ଭୁବନର ରଘୁ ନାୟକ, ବୀର ବୈଷ୍ଣବ ପଟ୍ଟନାୟକ, ମହେଶ ଚନ୍ଦ୍ର, ସୁବାହୁ ସିଂ, ମୁଷା ମଲ୍ଲିକ, ସାରଙ୍ଗଧର ଦାସ ପ୍ରମୁଖଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉଲ୍ଲେଖନୀୟ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ସେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ଏଭରେଷ୍ଟ ବିଜୟିନୀ କଲ୍ପନା ଦାଶ, କବି ଓ ଲେଖକ ବ୍ରଜନାଥ ବଡ଼ଜେନା, ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କପିଳାସ, ଯୋରନ୍ଦାର ମହିମା ଗାଦି ଓ ମାଘ ମେଳା, ଗଜଲକ୍ଷ୍ମୀ ପୂଜା, କାମାକ୍ଷାନଗରର ଦଶହରା ପର୍ବ

(ପ.ପୃ.ଦେ.)

ସପ୍ତଶଯ୍ୟା, ଶ୍ରୀ ବଳରାମ ମନ୍ଦିର, କୁଆଳୋର କନକେଶ୍ୱର ମନ୍ଦିର, ନାଗନାଥେଶ୍ୱର ମନ୍ଦିର, ସ୍ଥଭାଙ୍ଗଣାରେ ଭଗବାନ ବୁଦ୍ଧଙ୍କ ଅନନ୍ୟଶାୟୀ ମୂର୍ତ୍ତି, ଭୁବନର ବଳଦ ଦୌଡ଼ ପ୍ରତିଯୋଗିତା, ଢେଙ୍କାନାଳର ଢୋକ୍ରା କାର୍ଯ୍ୟ, କଂସାପିତ୍ତଳ ବାସନ ଶିଳ୍ପ, କାଠ ଖୋଦେଇ କାରୁକାର୍ଯ୍ୟ, ପଥର ମୂର୍ତ୍ତି, ଜନଜାତି ଗହଣା ତଥା ତାରକସୀ କାମ ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ଆମ ରାଜ୍ୟ ଓଡ଼ିଶା ବର୍ତ୍ତମାନ ବିକାଶ ପର୍ବରୁ ମହାବିକାଶ ପର୍ବରେ ପାଦ ଦେଉଛି। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଅଭୂତପୂର୍ବ ସଫଳତା ହାସଲ କରି ଅନ୍ୟ ରାଜ୍ୟଦ୍ୱାରା ଆଦୃତ ହେବା ସହ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୪ଟି ମନ୍ତ୍ର ଟିମୱାର୍କ (ସୋହାର୍ଦ୍ଦ୍ୟ ପରିଚାଳନା), ଟେକ୍ନୋଲୋଜି (ବୈଷୟିକ ବିଦ୍ୟା), ଟ୍ରାନ୍ସପାରେନ୍ସି (ସ୍ୱଚ୍ଛତା) ଟାଇମ (ସମୟାନୁବର୍ତ୍ତିତା)କୁ ଆଧାର କରି ଓଡ଼ିଶାର ପରିବର୍ତ୍ତନ (ଟ୍ରାନ୍ସଫରମେସନ) ସମ୍ଭବ ହୋଇପାରିଛି। ଏହାକୁ ମୂଳମନ୍ତ୍ରରୂପେ ଗ୍ରହଣ କରି ପ୍ରତ୍ୟେକ ବିଭାଗରେ ସମସ୍ତ କାର୍ଯ୍ୟକ୍ରମରେ ପ୍ରୟୋଗ କରାଯାଉଛି ଓ ଏହି ୪ଟି ମନ୍ତ୍ର ରାଜ୍ୟ ଶାସନ ବ୍ୟବସ୍ଥାର ମୌଳିକ ନୀତି ଏବଂ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି। ଆମ ଗାଁ ଆମ ବିକାଶ, ଆହାର, ଜାଗା, ବିଜୁ ପକ୍କା ଘର ଆସ ଏଲ ହଡ଼ି, ମିଶନ ଶକ୍ତି, ମାଗଣା ଲ୍ୟାପଟପ, କଳିଙ୍ଗ ଶିକ୍ଷାସାଥୀ, ଉଚ୍ଚ ଶିକ୍ଷା ପାଇଁ ଋଣ ବ୍ୟବସ୍ଥା, ମାଗଣା ପାଠ୍ୟପୁସ୍ତକ, ସାଇକେଲ ଓ ୟୁନିଫର୍ମ, ମୋ ସ୍କୁଲ ଅଭିଯାନ, ମେଧା ବୃତ୍ତି, ଛାତ୍ର ବୃତ୍ତି, ଫକୀରମୋହନଙ୍କ ନାମରେ ଓଡ଼ିଆ ଭାଷା ସମ୍ମାନ, ମୁଖ୍ୟମନ୍ତ୍ରୀ କଳାକାର ସହାୟତା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ଭଜନାଳୟ ଆବସ୍ଥା, କଳା ସଂସ୍କୃତି ସଂଘ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୪ଟି ନୂଆ ମେଡ଼ିକାଲ କଲେଜ ପ୍ରତିଷ୍ଠା, ନବୀମାନ୍ୟ ଯୋଜନା, ମଧୁବାବୁ ପେନସନ, ମେକ ଇନ ଓଡ଼ିଶା କନକ୍ଲେଭ, ମୋ ସରକାର, [illegible] ଓଡ଼ିଶା ବ୍ୟାଙ୍କ, ଶିଳ୍ପ ଉନ୍ନୟନ ପରିଷଦ ସଂପର୍କରେ ମନ୍ତ୍ରୀ ତାଙ୍କ ଅଭିଭାଷଣରେ ଆଲୋକପାତ କରିଥିଲେ। ନିଜ ବିଭାଗ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ଏବଂ ଉଚ୍ଚ ଶିକ୍ଷା ବିଭାଗର ସଫଳତା ସଂପର୍କରେ ମଧ୍ୟ ସେ କହିଥିଲେ। ଶେଷରେ ସେ ଓଡ଼ିଶାକୁ ଭାରତବର୍ଷର ଶ୍ରେଷ୍ଠ ରାଜ୍ୟ ଭାବରେ ଗଢ଼ି ତୋଳିବା ସହ ଢେଙ୍କାନାଳ ଜିଲ୍ଲାକୁ ରାଜ୍ୟର ସର୍ବଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବାକୁ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ।

ଢେଙ୍କାନାଳ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପ୍ୟାରେଡରେ ରିଜର୍ଭ ପୋଲିସ, ଓଡ଼ିଶା ଏପି ୧ମ ବାଟାଲିୟନ, ଗୃହରକ୍ଷୀ, ଓଡ଼ିଶା ଏପି ବ୍ୟାଣ୍ଡ ପାର୍ଟି ସମେତ ସମୁଦାୟ ୪୮ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ରିଜର୍ଭ ଇନସପେକ୍ଟର ଶ୍ରୀ ବଜରଂଗ ଯେଠୀ ସର୍ଜେଣ୍ଟ ଶ୍ରୀ ମାନସ କୁମାର ବେହେରା ପ୍ରଥମ ବାଟାଲିୟନର ଡେପୁଟି ସୁବେଦାର ଶ୍ରୀ ଜୟନ୍ତ କୁମାର ପ୍ରଧାନ ଜିଏସଆଇ ଶ୍ରୀ ପ୍ରସନ୍ନ କୁମାର ପ୍ରଧାନଙ୍କ ସହାୟତାରେ ପ୍ୟାରେଡ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ମାନସିକ ରୋଗ ସଚେତନତା ରଥ ପ୍ରଦର୍ଶନ ମେଳି ମଧ୍ୟ ପ୍ୟାରେଡରେ ସ୍ଥାନ ପାଇଥିଲା। ଶ୍ରୀ ସତ୍ୟନାରାୟଣ କର (ବାପୁ) ସ୍ୱାଧୀନତା ଦିବସ ପ୍ୟାରେଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଢେଙ୍କାନାଳ ଚାମ୍ବର ଅଫ୍ କମର୍ସ ସୌଜନ୍ୟରୁ ଫଳ ବଣ୍ଟନ ଏବଂ ଚିକିତ୍ସାଳୟ ପରିସରରେ

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ----------------/ସୂ.ଲୋ.ସଂ, --------------------------



ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ଜିଲ୍ଲା ଦଳକୁ ପୋଲିସ ଦଳରୁ ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ପକ୍ଷରୁ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନଠାରେ ରକ୍ତଦାନ ଶିବିରରେ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । ରୋଟାରୀ କ୍ଲବ ପରିସରରେ ରୋଟାରୀ କ୍ଲବ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସଦର ଉପଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଓ ଢେଙ୍କାନାଳ କଲେଜର ଶ୍ରୀମତୀ ରତ୍ନରେଖା ସ୍ୱାଇଁ ଯୋଗ ଦେଇଥିଲେ । ଜିଲ୍ଲା କାରାଗାର ବନ୍ଦୀମାନଙ୍କୁ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଢେଙ୍କାନାଳଙ୍କ ସହଯୋଗରେ ଜିଲ୍ଲାପାଳ ଶ୍ରୀ ଭୂପେଶ ଚନ୍ଦ୍ର ବେହେରା ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଅନୁପମା ଜେମ୍ସ କମ୍ବଳ ବଣ୍ଟନ କରିଥିଲେ । ସେହିପରି ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ବଧିର-ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ)ଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା ଏବଂ ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସନ୍ଧ୍ୟାବେଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ମହାବିଦ୍ୟାଳୟସ୍ତରୀୟ ତର୍କ ଓ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଢେଙ୍କାନାଳ କଲେଜର ଶ୍ରୀମତୀ ସୌଦାମିନୀ ସାହୁ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟଙ୍କା ପ୍ରଦାନ କରିଥିଲେ । ମଧ୍ୟାହ୍ନ ୧୨ଟା ୨୦ ମିନିଟ୍‌ରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଓ ଜୀବନଜ୍ୟୋତି, ଢେଙ୍କାନାଳଙ୍କ ପକ୍ଷରୁ ଗୋବିନ୍ଦପୁର ନିକଟସ୍ଥ ଜ୍ୟୋତିନଗରଠାରେ ଭଗ୍ନାଶ୍ରମ ଅନ୍ତେବାସୀ ଓ ଭିକ୍ଷୁକମାନଙ୍କୁ ଏବଂ କସ୍ତୁରବା ଶିଶୁ ଗୃହ ଓ ଆଦୃତା ଅନୁଷ୍ଠାନର ଅନ୍ତେବାସୀଙ୍କୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ଓ ଅତିରିକ୍ତ ନିର୍ଦ୍ଦେଶକ (ପ୍ରଶାସନ)ଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା । ଅପରାହ୍ନ ୪ଟା ସମୟରେ ଢେଙ୍କାନାଳ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ଫାଇନାଲ ମ୍ୟାଚ ସ୍ଥାନୀୟ ସ୍ପୋର୍ଟସ ହଷ୍ଟେଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ସ୍ପୋର୍ଟସ ହଷ୍ଟେଲକୁ ପୁରସ୍କୃତ କରିଥିବାବେଳେ ରନର୍ସ ଅପ କେନ୍ଦ୍ରୀୟ ବିଦ୍ୟାଳୟ, ଢେଙ୍କାନାଳକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପୁରସ୍କୃତ କରିଥିଲେ । ଏହି ଫୁଟବଲ ମ୍ୟାଚ କାର୍ଯ୍ୟକ୍ରମରେ ଢେଙ୍କାନାଳ କଲେଜର ଶାସକ ପ୍ରଜ୍ଞାଶ୍ରୀ ପ୍ରିୟଦର୍ଶୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ, ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଶ୍ରୀ ନଳିନୀ କୁମାର ଦାସ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପ୍ରବିଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।-

(ଅ.ମୁ.ଦେ.)

ଭାରତୀୟ ସ୍ୱାଧୀନତା ଦିବସ ୨୦୧୯ର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରତ୍ୟୁଷ ୪ଟା ବେଳେ ସାରା ସହରରେ ଭ୍ରାମ୍ୟମାଣ ଯାନ ଦ୍ୱାରା ରାମଧୂନ ଗାନ କରାଯାଇଥିଲା । ସକାଳ ୬ ଘଟିକା ସମୟରେ ସହରର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରୀ କରାଯାଇଥିଲା । ସକାଳ ୭ଘଟିକା ମିନିଟ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଓ ବିଭିନ୍ନ ଗୃହମାନଙ୍କରେ ଯଥାରୀତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସକାଳ ୮ଟା ୩୦ମିନିଟ ସମୟରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ଗାନ୍ଧି ପାର୍କସ୍ଥିତ ମହାତ୍ମା ଗାନ୍ଧି ଓ ସିଭିଲ କୋର୍ଟଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ, ବସଷ୍ଟାଣ୍ଡ ସ୍ଥିତ ଶହୀଦ ସ୍ମୃତି ଓ ବାଡ଼ିଗୌଡ଼ସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ, ଟାଉନହଲସ୍ଥିତ ଉତ୍କଳମଣି ଗୋପବନ୍ଧୁ ଏବଂ କଚେରୀ ସାମ୍ନାସ୍ଥିତ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଅନ୍ୟାନ୍ୟ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଷ୍ଟାଡ଼ିୟମଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଦେଶମାତୃକା ନିମନ୍ତେ ସେବାରତ ଥାଇ ଶହୀଦ ହୋଇଥିବା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅନ୍ତର୍ଗତ ବଡ଼ ସୁଆଁଳ ଗ୍ରାମ ବୀର ଶହୀଦ ଅଜିତ କୁମାର ସାହୁଙ୍କ ସ୍ମୃତି ଓ ସମ୍ମାନ ଉଦ୍ଦେଶ୍ୟରେ ତାଙ୍କ ଜ୍ୟେଷ୍ଠଭ୍ରାତା ଶ୍ରୀ ଆଲୋକ ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ପର୍ବତାରୋହଣ -କାରୀ ସ୍ୱର୍ଗତ କଳ୍ପନା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୁଶ୍ରୀ କୀର୍ତ୍ତିଗତା ସାହୁଙ୍କୁ ସାହସିକତା ସମ୍ମାନ ପ୍ରଦାନ କରାଯାଇଥିଲା । ଢେଙ୍କାନାଳର ଜୀବପ୍ରାଣୀ ଓ ସର୍ପ ଉଦ୍ଧାରକାରୀ ଦଳଙ୍କୁ ଉଲ୍ଲେଖନୀୟ ସେବା କାର୍ଯ୍ୟ ନିମନ୍ତେ ଟ୍ରଫି ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା । ୨୦୧୮-୧୯ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ନମ୍ବର ରଖି କୃତୀତ୍ୱ ହାସଲ କରିଥିବାର ଶ୍ରୀ କଲ୍ୟାଣ ସାହୁ, ସରସ୍ୱତୀ ଶିଶୁ ମନ୍ଦିର, କାମାକ୍ଷାନଗରଙ୍କୁ ସ୍ୱ ଲଳିତ ମୋହନ ମିଶ୍ର ସ୍ମୃତି ଟ୍ରଫି ଓ ସ୍ୱ ଦିନବାସିନୀ ସାମଲ ସ୍ମୃତି ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସେହିପରି ଢେଙ୍କାନାଳ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟରୂପେ ଚଳିତବର୍ଷ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ପାଟଳ ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟକୁ ସ୍ୱ ଦିନବାସିନୀ ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରାଯାଇଥିଲା । ୨୦୧୮-୧୯ ବର୍ଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ସମସ୍ତ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମରେ ନିଷ୍ଠାପରତା ଓ ଦକ୍ଷତାପୂର୍ବକ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଥିଲା । ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ କୁଳଙ୍ଗଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଶ୍ରେଷ୍ଠ ଏନ.ସି.ସି. ଦଳରୂପେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଜୁନିୟର ଡିଭିଜନ ଏନ.ସି.ସି. ବୈଜ୍ଞାନିକ ଡା. ଦାଶରଥି ମିଶ୍ର ଉଚ୍ଚ. ବିଦ୍ୟାଳୟ, ଶ୍ରେଷ୍ଠ ସେୟାମରିକ ବାଳିକା ପ୍ୟାରେଡ ଦଳ ଭାବେ ଆନନ୍ଦ ମାର୍ଗ ପବ୍ଲିକ୍ ସ୍କୁଲ (ବାଳିକା) ପ୍ରତିଯୋଗିତା ପ୍ୟାରେଡ ଦଳ କାପଟେନ୍ ସୁଦୀପ

(ଅ.ପୃ.ଦେ.)

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
# ଢେଙ୍କାନାଳ

ପତ୍ର ସଂଖ୍ୟା --------------/ସୂ.ଲୋ.ସଂ, ------------------------



କୁମାର ସାହୁ ରନିଂ ସିଲ୍ଡ, ଶ୍ରେଷ୍ଠ ବେସାମରିକ ବାଳକ ପ୍ୟାରେଡ ଦଳ ଭାବେ ସେଣ୍ଟ ଜାଭିୟର ହାଇସ୍କୁଲ (ବାଳକ) କ୍ୟାପଟେନ ଅମୃତ କୁମାର ବସ୍ତୁଳ ରନିଂ ସିଲ୍ଡ ଶ୍ରେଷ୍ଠ ସ୍କାଉଟ / ଗାଇଡ / ରେଡକ୍ରସ / ଏନ.ସି.ସି / ଗ୍ରୀନ ଆର୍ମି ପ୍ୟାରେଡ ଦଳ ଭାବେ ସେଣ୍ଟ ଜାଭିୟର ହାଇସ୍କୁଲ ଗାର୍ଲସ ଗାଇଡ ଡ଼ୋ. ରୁଦ୍ର ନାରାୟଣ ମିଶ୍ର ସ୍ମାରକୀ ରନିଂ ଟ୍ରଫି ପାଇଛନ୍ତି । ସେହିପରି ଢେଙ୍କାନାଳ ପୌର ପରିଷଦ ପକ୍ଷରୁ ସୂର୍ଯ୍ୟନାରାୟଣ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ ଆନୁକୂଲ୍ୟରେ ଗୋପବନ୍ଧୁ ଟାଉନ ହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ଗୁହତ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସଂସ୍କୃତି ପରିଷଦର ସଂଯୋଜକ ଶ୍ରୀ ଅବନୀ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

— x —

ହେମନ୍ତ କୁମାର ନାୟକ
୨୪/୮/୨୦୧୯

ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ